# ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ

## ଭାରତ ସରକାର

## ପ୍ରସ୍ତାବିତ ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ସଂଶୋଧନ, ୨୦୧୦

*ପ୍ରାକ୍ ସୂଚନା*

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ୨୦୧୦ ପ୍ରକାଶ ପାଇଁ ପ୍ରସ୍ତାବ ରହିଛି । ସେଥିପାଇଁ ନିମ୍ନମତେ କାର୍ଯ୍ୟ ପ୍ରକ୍ରିୟା ଓ ସମୟ କ୍ରମ ଅନୁସରଣ କରାଯିବ ।

- ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ୨୦୧୦ ଶୀର୍ଷକରେ ଏକ ଆଲୋଚନା ପତ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । ଏଥିରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୦ ସମ୍ପର୍କିତ ପ୍ରମୁଖ ତଥ୍ୟ ତଥା ଏଥିରେ ଅନ୍ତର୍ଭୁକ୍ତ ହେବାକୁ ଥିବା ବିଭିନ୍ନ ବିଷୟ ଉଲ୍ଲେଖ ରହିଛି ।
- ଉପରୋକ୍ତ ଆଲୋଚନା ପତ୍ରଟି ପ୍ରସ୍ତାବିତ ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ୨୦୧୦ ର ପ୍ରାକ୍ ଚିଠା ପ୍ରସ୍ତାବ ସମ୍ପର୍କିତ ଅଟେ ।
- ଏହି ଆଲୋଚନା ପତ୍ର ଓ ପ୍ରସ୍ତାବିତ ପ୍ରାକ୍ ଚିଠା ପ୍ରସ୍ତାବ ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.envfor.nic.in ରେ ଉପଲବ୍ଧ ଅଛି ।
- ଏହି ଆଲୋଚନା ପତ୍ର ଓ ପ୍ରାକ୍ ଚିଠା ପ୍ରସ୍ତାବ ଉପରେ ୨୦୧୦ ମସିହା ମେ ମାସ ୩୦ ତାରିଖ ମଧ୍ୟରେ ମତାମତ ଆହ୍ୱାନ୍ କରାଯାଉଛି ।
- ଏହି ଆଲୋଚନା ପତ୍ର ଓ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ୨୦୧୦ର ପ୍ରାକ୍ ଚିଠା ପ୍ରସ୍ତାବର ହିନ୍ଦୀ ଅନୁବାଦ ଏବଂ ଅନ୍ୟାନ୍ୟ ସ୍ଥାନୀୟ ଭାଷା ଯଥା ଗୁଜୁରାଟି, ମରାଠି, କର୍ଣ୍ଣଡ଼, ମାଲାୟାଲମ୍, ତେଲୁଗୁ, ତାମିଲ, ଓଡ଼ିଆ ଓ ବଙ୍ଗଳାରେ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।
- ଉପରୋକ୍ତ ଆଲୋଚନା ପତ୍ର ଓ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ୨୦୧୦ର ପ୍ରାକ୍ ଚିଠା ପ୍ରସ୍ତାବ ଉପରେ ମତାମତ ପାଇବା ପରେ ଆଇନ୍ ମନ୍ତ୍ରଣାଳୟରୁ ଆଇନ୍‌ଗତ ପରାମର୍ଶ ଗ୍ରହଣ କରି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୦ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ ।
- ଏହାପରେ ପରିବେଶ (ସୁରକ୍ଷା) ଆଇନ୍, ୧୯୮୬ ଅଧୀନରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୦ର ଚିଠା ପ୍ରସ୍ତାବ ଜାରି କରାଯିବ । ଚିଠା ଅଧିସୂଚନା ଜାରି ହେବାର ୬୦ ଦିନ ମଧ୍ୟରେ ସର୍ବସାଧାରଣ ସେମାନଙ୍କ ମତାମତ ପ୍ରଦାନ କରିପାରିବେ ।
- ସର୍ବସାଧାରଣଙ୍କ ଠାରୁ ମିଳିଥିବା ମନ୍ତବ୍ୟ ଓ ମତାମତ ବିଚାରକୁ ନେଇ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୦ ଚିଠା ପ୍ରସ୍ତାବ ଚୂଡ଼ାନ୍ତ କରାଯିବ ।

# ଉପକୂଳ ନିୟନ୍ତ୍ରଣ ମଣ୍ଡଳ ୨୦୧୦ ଉପରେ ଆଲୋଚନା ପତ୍ର

ଭାରତରେ ୭୫୦୦ କିଲୋମିଟର ବ୍ୟାପିଥିବା ତଟବର୍ତ୍ତୀ ଅଞ୍ଚଳରେ ଆମ ଜନସଂଖ୍ୟାର ଶତକଡ଼ା ପ୍ରାୟ ୨୫ ଭାଗ ଲୋକ ବସବାସ କରିଥାନ୍ତି । ଏହି ଲୋକମାନେ ସମୁଦ୍ର ଉପକୂଳଠାରୁ ୫୦ କିଲୋମିଟର ମଧ୍ୟରେ ବାସ କରନ୍ତି । ଏମାନଙ୍କ ମଧ୍ୟରେ ଦଶ ନିୟୁତ ମତ୍ସ୍ୟଜୀବୀ ରହିଛନ୍ତି । ସେମାନେ ଜୀବିକା ନିର୍ବାହ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ।

ଉପକୂଳବର୍ତ୍ତୀ ପରିବେଶର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏବଂ ବିକାଶମୂଳକ କାର୍ଯ୍ୟକ୍ରମଜନିତ ଚାପରୁ ଉପକୂଳବର୍ତ୍ତୀ ପରିବେଷ୍ଟନୀକୁ ସୁରକ୍ଷା ଦେବା ପାଇଁ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ପରିବେଶ (ସୁରକ୍ଷା)ଆଇନ୍ ୧୯୮୬ ଅଧିନରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ଅଧିସୂଚନା, ୧୯୯୧ ଜାରି କରାଯାଇଥିଲା ।

ଏବେ ପ୍ରଚଳିତ ଏହି ଅଧିସୂଚନା ଅନୁସାରେ ସମୁଦ୍ର ଉପକୂଳଠାରୁ ୫୦୦ ମିଟର ତଥା ଜୁଆର ଦ୍ୱାରା ପ୍ରଭାବିତ ଜଳାଧାରଠାରୁ ୧୦୦ ମିଟର ଦୂରତା ମଧ୍ୟରେ ଥିବା ଅଞ୍ଚଳକୁ ସୁରକ୍ଷା ପ୍ରଦାନ ତଥା ନିୟନ୍ତ୍ରଣ କରାଯାଇଥାଏ । ଏସବୁ ଅଞ୍ଚଳରେ ହେବାକୁ ଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ଏହି ଅଧିସୂଚନା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଦେଶରେ ଥିବା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ସିଆର୍ ଜେଡ୍-୧ (ପରିବେଶ ଦୃଷ୍ଟିରୁ ସ୍ପର୍ଶକାତର ଅଞ୍ଚଳ), ସିଆର୍ ଜେଡ୍-୨ (ବିକଶିତ ସହରାଞ୍ଚଳ), ସିଆର୍ ଜେଡ୍-୩ (ଗ୍ରାମାଞ୍ଚଳ) ଏବଂ ସିଆର୍ ଜେଡ୍-୪ (ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ) ଭାବରେ ଶ୍ରେଣୀବିଭାଗ କରାଯାଇଛି ।

ଏଯାବତ୍ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ରେ ୨୫ ଥର ସଂଶୋଧନ ଅଣାଯାଇଛି । ଏଥିସହିତ ବିଭିନ୍ନ ରାଜ୍ୟ ସରକାର ଓ ଅନ୍ୟାନ୍ୟ ପକ୍ଷମାନେ ଏହି ଅଧିସୂଚନାରେ ଥିବା ନିୟମମାନଙ୍କୁ କାର୍ଯ୍ୟକାରୀ କରିବାରେ ଅସୁବିଧା ହେଉଥିବା କଥା ପ୍ରକାଶ କରିଛନ୍ତି ।

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ର କାର୍ଯ୍ୟକାରିତା ନେଇ ରହିଥିବା ବିଭିନ୍ନ ଦିଗ ଉପରେ ଅନୁଧାନ କରିବା ପାଇଁ ମନ୍ତ୍ରଣାଳୟ ତରଫରୁ ୨୦୦୪ ମସିହାରେ ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ଏହି କମିଟି ୨୦୦୫ ମସିହା ଫେବୃଆରୀ ମାସରେ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି । ଏହି କମିଟି ତରଫରୁ ଅଧିସୂଚନା, ୧୯୯୧ ସ୍ଥାନରେ ଉପକୂଳ ପରିଚାଳନା ମଣ୍ଡଳ (CMZ) ଅଧିସୂଚନା, ୨୦୦୮ ପ୍ରଚଳନ ପାଇଁ ସୁପାରିଶ୍ କରାଯାଇଛି ।

ଉପକୂଳ ପରିଚାଳନା ମଣ୍ଡଳ ଅଧିସୂଚନା ୨୦୦୮ ଜାରିପରେ ମତ୍ସ୍ୟଜୀବୀ ଓ ସ୍ଥାନୀୟ ଗୋଷ୍ଠୀମାନଙ୍କ ପକ୍ଷରୁ ଅନେକ ମତାମତ ମିଳିଥିଲା । ଏହି ମତାମତ ମାନଙ୍କୁ ଅନୁଧ୍ୟାନ କରିବା ପାଇଁ ମନ୍ତ୍ରଣାଳୟ ତରଫରୁ ୨୦୦୯ ମସିହା ଜୁନ୍ ମାସରେ ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନ୍‌ଙ୍କ ଅଧ୍ୟକ୍ଷତାରେ ଏକ ଚାରିଜଣିଆ କମିଟି ଗଠନ କରାଗଲା । ଏହି କମିଟି ୨୦୦୯ ମସିହା ଜୁଲାଇ ୧୬ ତାରିଖରେ "ନିର୍ଣ୍ଣାୟକ ସୀମା" ଶୀର୍ଷକରେ ତାଙ୍କ ରିପୋର୍ଟ ମନ୍ତ୍ରଣାଳୟକୁ ପ୍ରଦାନ କଲେ ଯାହାକି ସରକାରଙ୍କ ଦ୍ୱାରା ଗୃହୀତ ହୋଇଥିଲା । ଏହି ରିପୋର୍ଟ ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.moef.nic.in ରେ ଉପଲବ୍ଧ ଅଛି । ଏହି ରିପୋର୍ଟର ପ୍ରମୁଖ ସୁପାରିଶ୍ ହିସାବରେ ଉପକୂଳ ପରିଚାଳନା ମଣ୍ଡଳ ଅଧିସୂଚନା, ୨୦୦୮କୁ ଅକାମୀ କରି ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧କୁ ଅଧିକ ପ୍ରଭାବଶାଳୀ କରିବା ପାଇଁ କୁହାଯାଇଛି ।

ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ସ୍ୱାମୀନାଥନ୍ କମିଟିର ସୁପାରିଶ୍ ଅନୁସାରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧କୁ ପ୍ରଭାବଶାଳୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଛି । ଏହି ଉଦ୍ଦେଶ୍ୟରେ ପରିବେଶ ଶିକ୍ଷା କେନ୍ଦ୍ର (CEE) ଦ୍ୱାରା ଆୟୋଜିତ ବିଭିନ୍ନ ଆଲୋଚନା ଚକ୍ର ମାନଙ୍କରେ ଅଧିସୂଚନା ପାଇଁ ପ୍ରସ୍ତାବିତ ସଂଶୋଧନମାନଙ୍କୁ ମଧ୍ୟ ବିଚାରକୁ ନିଆଯାଇଛି ।

## ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ର ପ୍ରସ୍ତାବିତ ସଂଶୋଧନର ସାରାଂଶ

*୨୦୧୦ ର ଉପକୂଳ ନିୟନ୍ତ୍ରଣ ମଣ୍ଡଳ ସଂଶୋଧିତ ଅଧିସୂଚନାର ଚିଠା ପ୍ରସ୍ତାବ ନିମନ୍ତେ ପ୍ରସ୍ତାବମାନ ନିମ୍ନରେ ପ୍ରଦାନ କରାଗଲା ।*

**୧. ଜଳଭାଗର ଅନ୍ତର୍ଭୁକ୍ତିକରଣ :**

୨୦୧୦ ର ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ରେ ଜଳଭାଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ । ଜୈବ ବିବିଧତାର ସୁରକ୍ଷା ତଥା ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଳଭାଗର ଗୁରୁତ୍ୱ ଉପଲବ୍ଧି କରାଯାଇଛି । ତେଣୁ ଉପକୂଳଠାରୁ ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ଜଳଭାଗ ଓ ଜୁଆର ପ୍ରଭାବିତ ସମସ୍ତ ଜଳାଶୟକୁ ଏହି ଅଧିସୂଚନା ଅନ୍ତର୍ଭୁକ୍ତ କରାଯିବ ।

**୨. ବିପର୍ଯ୍ୟୟ ଆକଳନ ପଦ୍ଧତିରେ ପରିବର୍ତ୍ତନ :**

ଅଧିସୂଚନା, ୧୯୯୧ରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଉଥିବା ବିପର୍ଯ୍ୟୟ ଓ ଏହା ଉପରେ ସମୁଦ୍ର ଜଳସ୍ତର ବୃଦ୍ଧି ଜନିତ ପ୍ରଭାବ ବିଷୟ ବିଚାରକୁ ନିଆଯାଇ ନାହିଁ । ଲହଡ଼ି, ଜୁଆର, ସମୁଦ୍ର ଜଳପତନ ବୃଦ୍ଧି ଓ ତଟରେଖାର ପରିବର୍ତ୍ତନ ଯୋଗୁଁ ଘଟୁଥିବା ବିପର୍ଯ୍ୟୟର ଆକଳନ କରିବା ସହିତ ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ସ୍ଥାନୀୟ ବାସିନ୍ଦା ଓ ସେମାନଙ୍କ ଭିତ୍ତିଭୂମିର ସୁରକ୍ଷା ବିଷୟ ଏହି ଅଧିନିୟମର ଅନ୍ତର୍ଭୁକ୍ତ ହେବ ।

**୩. କାର୍ଯ୍ୟଖସଡ଼ା ପ୍ରସ୍ତୁତି :**

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଅଧିସୂଚନା, ୧୯୯୧ ରେ ଯଥେଷ୍ଟ ବ୍ୟବସ୍ଥା ନହିଁ । ସମୁଦ୍ର ମଧ୍ୟକୁ ନିଷ୍କାସିତ ହେଉଥିବା ଅଶୋଧିତ ଆବର୍ଜନା, ଅଦରକାରୀ ନର୍ଦ୍ଦମାପାଣି ଓ କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ସମୟାବଦ୍ଧ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯିବ । ପ୍ରଦୂଷଣ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କ ତରଫରୁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ । ଛଅମାସ ମଧ୍ୟରେ ଏହି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ । ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ସ୍ୱୀକୃତି ପାଇବା ପରେ ଏହାକୁ କାର୍ଯ୍ୟକାରୀ କରାଯିବ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏହାର କାର୍ଯ୍ୟକାରିତାକୁ ତଦାରଖ କରିବେ ।

**୪. ଅବକ୍ଷୟ-ପ୍ରବଣ ଅଞ୍ଚଳର ବିଭକ୍ତିକରଣ :**

ଅଧିସୂଚନା, ୧୯୯୧ରେ ଅବକ୍ଷୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ତଥା ଓ ତଟବର୍ତ୍ତୀ ଅଞ୍ଚଳରେ ଅନ୍ୟାନ୍ୟ ବିକାଶ ଭିତ୍ତିକ କାର୍ଯ୍ୟକ୍ରମ ଉପରେ କୌଣସି ଅଙ୍କୁଶ ରଖାଯାଇନାହିଁ । ମନୁଷ୍ୟକୃତ କାରଣ ଯୋଗୁଁ ଅଧିକାଂଶ ଅବକ୍ଷୟ ହୋଇଥାଏ । ଉପକୂଳ ଅଞ୍ଚଳରେ ଏହି ଧରଣର ଅପରିବର୍ତ୍ତନୀୟ କ୍ଷତିକୁ ରୋକିବା ପାଇଁ ଅଧିସୂଚନାରେ ବ୍ୟବସ୍ଥା ରଖାଯିବ । ଏହାଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳକୁ ଉଚ୍ଚ ଅବକ୍ଷୟ ଅଞ୍ଚଳ, ମଧ୍ୟମ ଅବକ୍ଷୟ ଅଞ୍ଚଳ ଓ ସ୍ୱଳ୍ପ ଅବକ୍ଷୟ ଅଞ୍ଚଳ ବା ସ୍ଥିର ଉପକୂଳ ରୂପେ ବିଭକ୍ତିକରଣ କରାଯାଇପାରିବ । ଉଚ୍ଚ ଅବକ୍ଷୟ ଅଞ୍ଚଳରେ କୌଣସି ପ୍ରକଳ୍ପକୁ ଅନୁମତି ଦିଆଯିବ ନାହିଁ । ମଧ୍ୟମ ଅବକ୍ଷୟ ଅଞ୍ଚଳରେ ପରିବେଶ ପ୍ରଭାବ ଆକଳନ ଅଧିସୂଚନାକୁ ଅନୁସରଣ କରିବା ପାଇଁ ନିୟମ ରହିବ ।

**୫. ନୂତନ ଶ୍ରେଣୀ ବିଭାଗ ଯୋଜନା :**

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନାରେ ଚାରୋଟି ଶ୍ରେଣୀବିଭାଗ କରାଯାଇଛି, ଯଥା ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ (ପରିବେଶ ଦୃଷ୍ଟିରୁ ସ୍ପର୍ଶକାତର ଅଞ୍ଚଳ), ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ (ବିକଶିତ ସହରାଞ୍ଚଳ), ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ (ଗ୍ରାମାଞ୍ଚଳ) ଏବଂ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୪ (ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ) । ସଂଶୋଧନ ପାଇଁ ପ୍ରସ୍ତାବରେ ଏହାକୁ ପୁନଃ ଶ୍ରେଣୀ ବିଭାଗ କରି ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ (ପରିବେଶ ଦୃଷ୍ଟିରୁ ସ୍ପର୍ଶକାତର ଅଞ୍ଚଳ), ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ (ବିକଶିତ ସହରାଞ୍ଚଳ), ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ (ଗ୍ରାମାଞ୍ଚଳ), ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୪ (ଜଳଭାଗ) ଏବଂ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୫ (ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆବଶ୍ୟକ ଥିବା ଅଞ୍ଚଳ) ରଖାଯାଇଛି । ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପାଇଁ ସ୍ୱତନ୍ତ୍ର ଭାବେ "ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା (ମାର୍ଚ୍ଚ) ୨୦୧୦" ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି (ସଂପ୍ରତି ଏହା ଉପରେ ମତାମତ ଆହ୍ୱାନ୍ କରାଯାଇଛି) ।

**୬. ସ୍ୱତନ୍ତ୍ର ଅଞ୍ଚଳ :**

ସ୍ଥାନର ବିବିଧତା, ସାମାଜିକ-ଅର୍ଥନୈତିକ ଅବସ୍ଥା ଓ ବିକାଶମୂଳକ କାର୍ଯକ୍ରମର ଚାପ ନିର୍ବିଶେଷରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନାରେ ସମଗ୍ର ଦେଶପାଇଁ ସମାନ ନିୟମ ରଖାଯାଇଛି । ତେବେ କେତେକ ସ୍ୱତନ୍ତ୍ର ପରିସ୍ଥିତି ଯୋଗୁଁ ନିମ୍ନ ବିଷୟ ଗୁଡ଼ିକ ସ୍ୱତନ୍ତ୍ରଭାବେ ବିଚାରକୁ ନିଆଯିବାର ଆବଶ୍ୟକତା ରହିଛି ।

କ. **ବୃହତ୍ ମୁମ୍ବାଇ ଏବଂ ନବି ମୁମ୍ବାଇ :** ଉପକୂଳବର୍ତ୍ତୀ ଅଞ୍ଚଳରେ ମୁମ୍ବାଇ ଏବଂ ନବି ମୁମ୍ବାଇ ଘନ ଜନବସତିପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ଅନ୍ୟତମ । ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଯୋଗୁଁ ଏହି ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ଯଥେଷ୍ଟ ଚାପ ପଡୁଛି । ମୁମ୍ବାଇ ଓ ନବି ମୁମ୍ବାଇ ଜନସଂଖ୍ୟାର ଏକ ପ୍ରମୁଖ ଭାଗ ବସ୍ତି ଅଞ୍ଚଳରେ ବସବାସ କରନ୍ତି ଯାହାକି ଉପକୂଳକୁ ଲାଗିକରି ରହିଛି । ଏହି ବସ୍ତିଗୁଡ଼ିକ ପରିବେଶ ପ୍ରଦୂଷଣର କାରଣ ହୋଇଛନ୍ତି । ତା ସହିତ ଉପକୂଳର ନିକଟରେ ଥିବାରୁ ବିପଦଗ୍ରସ୍ତ ହେବାର ଆଶଙ୍କା ରହିଛି । ଉପକୂଳଠାରୁ ୫୦୦ ମିଟର ଦୂରତା ମଧ୍ୟରେ ପ୍ରାୟ ୧୩୬ ଟି ବସ୍ତି ରହିଛି । ମୁମ୍ବାଇ ଓ ନବି ମୁମ୍ବାଇର ତଟବର୍ତ୍ତୀ ଅଞ୍ଚଳରେ ହେନ୍ତାଳ ବଣ ରହିଛି ଯାହାକି ସବୁଜ ପ୍ରାଚୀର ଭାବେ କାର୍ଯ୍ୟ କରିଥାଏ । ଏହାଛଡ଼ା ସହରର ସମସ୍ତ ନର୍ଦ୍ଦମାପାଣି ଓ ଶିଳ୍ପ କାରଖାନାର ଆବର୍ଜନ, ସମୁଦ୍ର ତଥା ଜଳାଶୟରେ ପ୍ରବେଶ କରିଥାଏ । ଏସବୁ ଦୃଷ୍ଟିରୁ ମୁମ୍ବାଇ ଓ ନବି ମୁମ୍ବାଇ ନିମନ୍ତେ ସ୍ୱତନ୍ତ୍ର ବିଧାନର ଆବଶ୍ୟକତା ରହିଛି । ସ୍ୱାମୀନାଥନ କମିଟିର ସୁପାରିଶ ଅନୁସାରେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ୱତନ୍ତ୍ର ଧରଣର ପ୍ରାସାଦ ନିର୍ମାଣ ପାଇଁ ନୂତନ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନାରେ ବ୍ୟବସ୍ଥା ରହିଛି । ଏଥିପାଇଁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଞ୍ଚଳରେ ବେସରକାରୀ-ନିର୍ମାଣକାରୀ ଆଧାରିତ ଗୃହ ନିର୍ମାଣ ପ୍ରକଳ୍ପ କଥା ବିଚାରକୁ ନିଆଯାଇ ପାରିବ ।

ଖ. **କେରଳ :** କେରଳରେ ଏକ ଅନୁପମ ଉପକୂଳ ରହିଛି । ଏହାକୁ ଲାଗି ୩୦୦ ରୁ ଅଧିକ ଦ୍ୱୀପପୁଞ୍ଜ ରହିଛନ୍ତି । ଏହି ଦ୍ୱୀପ ସମୂହ ବା ସଂକୀର୍ଣ୍ଣ ଭୂଭାଗ ଯଥା ମାରୁଭକାଡ଼, ଚାଲ୍ଲାକାଡାବୁ, କାଣ୍ଡାକାଡାବୁ, ପୁଥାନଥୋଡ଼େ, କାନ୍ନାମାଲି, ଚେରିୟାକାଡ଼ାବୁ ଏବଂ କାଟିପାରାମ୍ବିଲରେ ଘନ ଜନବସତି ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ଜନସଂଖ୍ୟାର ସାନ୍ଦ୍ରତା ବର୍ଗକିଲୋମିଟର ପ୍ରତି ୨୧୫୦ ରହିଛି । ଏହି ଦ୍ୱୀପଗୁଡ଼ିକ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ ବା ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ର ଅନ୍ତର୍ଭୁକ୍ତ ଅଟେ । ତେଣୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ରେ କୌଣସି ବିକାଶ ମୂଳକ କାର୍ଯକ୍ରମ କରାଯାଇପାରିବ ନାହିଁ ।

ସେହିପରି ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ରେ ୦ ରୁ ୨୦୦ ମିଟର ମଧ୍ୟରେ ଥିବା ସ୍ଥାନ "ବିକାଶ ନିଷେଧ ମଣ୍ଡଳ" ଅଟେ । ଏହି ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ଅଧିବାସୀମାନେ ନିର୍ମାଣ କାର୍ଯ୍ୟ ପାଇଁ ରହିଥିବା ନିୟମକୁ କୋହଳ କରିବା ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ନିବେଦନ କରି ଆସୁଛନ୍ତି । ଏ ସଂକ୍ରାନ୍ତୀୟ ଅନେକ ମୋକଦ୍ଦମା ବିଚାରାଧୀନ ରହିଛି । ଏ ସମସ୍ତ ଅସୁବିଧା ତଥା କେରଳର ଭୌଗୋଳିକ ଅବସ୍ଥା ଯୋଗୁଁ କେରଳର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବିଧିବିଧାନର ଆବଶ୍ୟକତା ରହିଛି । ଉପକୂଳ ନିକଟରେ ଥିବା ଦ୍ୱୀପମାନଙ୍କରେ ପଚାଶ ମିଟର ଦୂରତା ପର୍ଯ୍ୟନ୍ତ "ବିକାଶ ନିଷେଧ ମଣ୍ଡଳ" କରାଯିବା ଏହି ପ୍ରସ୍ତାବର ଅନ୍ତର୍ଭୁକ୍ତ ରହିଛି ।

ଗ. **ସୁନ୍ଦରବନ ଓ ପରିବେଶ ଦୃଷ୍ଟିରୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ :** ଦେଶରେ ଥିବା ପ୍ରମୁଖ ହେନ୍ତାଳ ବଣମାନଙ୍କ ମଧ୍ୟରେ ସୁନ୍ଦରବନ ଅନ୍ୟତମ । ଏହି ଜୈବମଣ୍ଡଳ ମଧ୍ୟରେ ପ୍ରାୟ ପାଞ୍ଚ ଲକ୍ଷ ଲୋକ ବସବାସ କରନ୍ତି । ସମୁଦ୍ର ଜଳ ପତ୍ତନର ବୃଦ୍ଧି ଯୋଗୁଁ ସୁନ୍ଦରବନ ପ୍ରଭାବିତ ହେଉଛି । ଭିତ୍ତିଭୂମିର ଅଭାବ ଯୋଗୁଁ ଏଠାକାର ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ସୁନ୍ଦର ବନ ଏବଂ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସେହି ସମଧରଣର ଅଞ୍ଚଳ ପାଇଁ ସମନ୍ୱିତ ପରିଚାଳନା ଯୋଜନାର ପ୍ରସ୍ତାବ ରଖାଯାଇଛି । ଏହି ସବୁ ଅଞ୍ଚଳ ମଧ୍ୟରେ ଗୁଜୁରାଟର ଶମ୍ଭାଟ ଓ କଚ୍ଛ, ମହାରାଷ୍ଟ୍ରର ମାଲବନ, ବାସାସୀ-ମାନୋରୀ, କର୍ଣ୍ଣାଟକର ଆକ୍ରା-ରତ୍ନଗିରି, କାରୱାର ଓ କୋଣ୍ଡାପୁର, କେରଳର ଭେମ୍ବାନାଡ଼, ଓଡ଼ିଶାର ଭିତରକନିକା ଏବଂ ଆନ୍ଧ୍ରପ୍ରଦେଶର କରିଙ୍ଗାମ, ପୂର୍ବ ଗୋଦାବରୀ ଓ କ୍ରିଷ୍ଣା ରହିଛି । ଏହି ଅଞ୍ଚଳଗୁଡ଼ିକୁ ସଙ୍କଟଜନକ ଉପକୂଳ ଅଞ୍ଚଳ ଭାବେ ଘୋଷଣା କରାଯିବ । ସ୍ଥାନୀୟ ଅଧିବାସୀଙ୍କ ସହ ପରାମର୍ଶ କରି ଏସବୁ ଅଞ୍ଚଳପାଇଁ ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ହେବ ।

ଘ. **ଗୋଆ :** ଗୋଆ ରାଜ୍ୟ ତିନି ଭାଗରେ ବିଭକ୍ତ ଯଥା ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ, ମଧ୍ୟ-ଉଚ୍ଚଭୂମି ଅଞ୍ଚଳ ଓ ପଶ୍ଚିମ ଘାଟ । ପଶ୍ଚିମ ଘାଟକୁ ଲାଗିକରି ଥିବା ଉଚ୍ଚଭୂମି ଅଞ୍ଚଳରେ ସଂପ୍ରତି ଖଣି କାର୍ଯ୍ୟ ଚାଲିଅଛି । ସମଗ୍ର ପଶ୍ଚିମ ଘାଟ ଅଞ୍ଚଳକୁ ଜୈବ ବିବିଧତା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଭାବେ ଚିହ୍ନଟ କରାଯାଇଛି ଏବଂ ବନ୍ୟ ଜନ୍ତୁ ସୁରକ୍ଷା ଆଇନ୍, ୧୯୭୨ ଅନୁସାରେ ଏହାକୁ ସୁରକ୍ଷା ପ୍ରଦାନ କରାଯାଇଛି । ତେଣୁ ଗୋଆ ରାଜ୍ୟ ପାଇଁ ସ୍ୱତନ୍ତ୍ର ନିୟାମକ ପ୍ରସ୍ତୁତ କରି ସହନୀୟ ବିକାଶ ଓ ଉପକୂଳ ଅଞ୍ଚଳର ପରିବେଶ ସୁରକ୍ଷା ନିମନ୍ତେ କଠୋର ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରିବାକୁ ହେବ ।

ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ପାରମ୍ପରିକ ଭାବେ ମାଛଧରା ଓ ତତ୍‌ସଂକ୍ରାନ୍ତୀୟ କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । ସେମାନଙ୍କ ଜୀବନଜୀବିକା ପାଇଁ ଏହି ମତ୍ସ୍ୟଜୀବୀମାନେ ମୌଳିକ ଭିତ୍ତିଭୂମି ଆବଶ୍ୟକ କରିଥାନ୍ତି ।

**୭. କେତେକ ଜୈବମଣ୍ଡଳ ପାଇଁ ସ୍ୱତନ୍ତ୍ର ବିଧିବିଧାନ :**

ସୁନ୍ଦରବନ, ଚିଲିକା, ମାନାରର ଗଲ୍‌ଫ, ପିଚାଭରମ୍, ଭିତରକନିକା ଆଦି ଜୈବମଣ୍ଡଳ ମଧ୍ୟରେ ବହୁ ସଂଖ୍ୟକ ସ୍ଥାନୀୟ ଅଧିବାସୀ ବସବାସ କରିଥାନ୍ତି । ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ଅନୁସାରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ୧(କ) ଭାବେ ଶ୍ରେଣୀଭୁକ୍ତ ହୋଇଥିବା ଏହି ଜୈବମଣ୍ଡଳ ମାନଙ୍କରେ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଅଙ୍କୁଶ ଲଗାଯାଇଛି । ମୌଳିକ ଭିତ୍ତିଭୂମିର ବିକାଶ ନିମନ୍ତେ ସୁନ୍ଦରବନ ପାଇଁ ସ୍ୱତନ୍ତ୍ର ବିଧିବିଧାନ ରଖାଯାଇଛି । ସଂପ୍ରତି ଏହି ବିଧିବିଧାନ ଅନ୍ୟାନ୍ୟ ଜୈବମଣ୍ଡଳ ଅଞ୍ଚଳକୁ ପ୍ରସାରିତ କରାଯିବା ପାଇଁ ପ୍ରସ୍ତାବ ରହିଛି ।

**୮. ମୁମ୍ବାଇରେ ହେନ୍ତାଳବଣର ସୁରକ୍ଷା ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ :**

ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ ଅନ୍ତର୍ଗତ କେତେକ ସହରାଞ୍ଚଳ ଯଥା ମୁମ୍ବାଇ, ନବି ମୁମ୍ବାଇ ଓ ଗୋଆ ଆଦିରେ ହେନ୍ତାଳବଣ ରହିଛି । ସହରରେ ଭିତ୍ତିଭୂମିର ବିକାଶ ଯୋଗୁଁ ଏହି ହେନ୍ତାଳବଣ ଗୁଡ଼ିକ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ବିଶେଷ କରି ରାସ୍ତା ନିର୍ମାଣ ପାଇଁ ହେନ୍ତାଳ ବଣ ନଷ୍ଟ ହେଉଛି । ସଂଶୋଧନ ପ୍ରସ୍ତାବ ଅନୁସାରେ ଏହି ଅଞ୍ଚଳରେ ସ୍ୱତନ୍ତ୍ର ରାସ୍ତା (Stilt Road) ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ ଯାହାକି ହେନ୍ତାଳ ବଣର ଅଭିବୃଦ୍ଧି ତଥା ଜୁଆରର ଗତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ଏହି ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ ପାଇଁ ରହିଥିବା ସୁବିଧା ସୁଯୋଗ ପ୍ରଦାନ କରାଯିବ ନାହିଁ ।

**୯. ଅନୁମତି ପ୍ରଦାନ ପାଇଁ ସମୟ ସୀମା :**

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଅନୁସାରେ କାର୍ଯ୍ୟକ୍ରମର ଅନୁମୋଦନ ପାଇଁ କୌଣସି ପ୍ରକ୍ରିୟା ଧାର୍ଯ୍ୟ କରାଯାଇ ନାହିଁ । ଏହାଦ୍ୱାରା ସାଧାରଣ ଲୋକ ଓ ପ୍ରକଳ୍ପ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନୁମତି ପ୍ରଦାନ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ । ଏହାର ସମାଧାନ ପାଇଁ ଅନୁମୋଦନ ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟ ପଦ୍ଧତି ପ୍ରସ୍ତାବ କରାଯାଇଛି । ଅନୁମୋଦନ ପାଇବା ପାଇଁ ଆବଶ୍ୟକ ହେଉଥିବା ଦଲିଲ୍, ମାନପତ୍ର, ରିପୋର୍ଟ, ପୂରଣ କରିବାକୁ ଥିବା ଫର୍ମ ଆଦି ବିଷୟରେ ଉଲ୍ଲେଖ କରାଯିବ । କୌଣସି ପ୍ରକଳ୍ପର ଅନୁମୋଦନ ନିମନ୍ତେ ବିଚାର କରିବା ପାଇଁ ରାଜ୍ୟ ଉପକୂଳ ମଣ୍ଡଳ ପରିଚାଳନା

କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରାଯିବ । ସମସ୍ତ କାଗଜପତ୍ର ପାଇବାର ୪୫ ଦିନ ମଧ୍ୟରେ ଅନୁମୋଦନ ପ୍ରକ୍ରିୟା ଶେଷ କରାଯିବ । ଏହାପରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବା ରାଜ୍ୟ ସରକାରଙ୍କ ଠାରୁ ଅନୁମତି ପାଇବା ପାଇଁ ୬୦ ଦିନ ସମୟ ଲାଗିବ ।

**୧୦. ପରିବେଶ ପ୍ରଭାବ ଆକଳନ, ୨୦୦୬ ମାନଦଣ୍ଡ ଆଧାରରେ ଅନୁମୋଦନ ପ୍ରକ୍ରିୟା ନିର୍ଦ୍ଧାରଣ :**

ଅଧିସୂଚନା ୧୯୯୧ ଅନୁସାରେ ପାଞ୍ଚକୋଟି ଟଙ୍କାରୁ କମ୍ ମୂଲ୍ୟର ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ରାଜ୍ୟ ସ୍ତରରେ ଅନୁମତି ପ୍ରଦାନ କରାଯାଇ ପାରିବ । ପାଞ୍ଚକୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅନୁମତି ଆଣିବାକୁ ହେବ । ଏହାର କୌଣସି ବୈଜ୍ଞାନିକ କାରଣ ନାହିଁ । ପରିବେଶ ପ୍ରଭାବ ଆକଳନ ୨୦୦୬ରେ ଥିବା ପ୍ରକ୍ରିୟା ନୂତନ ଆଇନ୍‌ରେ ରଖାଯିବ । ଏହାଦ୍ୱାରା ୨୦୦୦୦ ବର୍ଗମିଟରରୁ ଅଧିକ ଆକାରର ଗୃହ ନିର୍ମାଣ ପ୍ରକଳ୍ପକୁ ପରିବେଶ ପ୍ରଭାବ ଆକଳନ ୨୦୦୬ ଅନୁସାରେ ବିଚାର କରାଯିବ । ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ସୁପାରିଶ୍ କ୍ରମେ ରାଜ୍ୟ ପରିବେଶ ପ୍ରଭାବ ଆକଳନ କମିଟି ଅନୁମତି ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିପାରିବେ । କିନ୍ତୁ ୨୦୦୦୦ ବର୍ଗମିଟରରୁ କମ୍ ଆକାରର ପ୍ରକଳ୍ପ ପାଇଁ ସଂପୃକ୍ତ ରାଜ୍ୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ସୁପାରିଶ୍ ଅନୁସାରେ ରାଜ୍ୟସରକାରଙ୍କ ନଗର ଉନ୍ନୟନ ବିଭାଗ ବା ପଞ୍ଚାୟତରାଜ ବିଭାଗ ମଞ୍ଜୁରୀ ପ୍ରଦାନ କରିପାରିବେ ।

**୧୧. ଅନୁମତି ପରେ ତଦାରଖ :**

ଅନୁମତି ପ୍ରଦାନ ପରେ ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ନ ଥାଏ । ନିୟମ ମୁତାବକ କାର୍ଯ୍ୟ ହେଉଛି କି ନାହିଁ ତାହାର ତଦାରଖ କରିବା ପାଇଁ ଉପଯୁକ୍ତ କାର୍ଯ୍ୟଧାରା ନିର୍ଣ୍ଣୟ ହେବା ଆବଶ୍ୟକ ।

**୧୨. କାର୍ଯ୍ୟକାରିତା ପାଇଁ ନୂତନ ବ୍ୟବସ୍ଥା :**

ଆଇନର କାର୍ଯ୍ୟକାରିତା ନେଇ ୧୯୯୧ ଅଧିସୂଚନାରେ ଯଥେଷ୍ଟ ବ୍ୟବସ୍ଥା ରଖାଯାଇନାହିଁ । ସଂଶୋଧନ ପ୍ରସ୍ତାବରେ ସମୟାବଦ୍ଧ ଭିତ୍ତିରେ ଆଇନ୍‌ର ଉଲଙ୍ଘନକୁ ଚିହ୍ନଟ କରି ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ବ୍ୟବସ୍ଥା ରଖାଯିବ । ପରିବେଶ (ସୁରକ୍ଷା) ଆଇନ୍ ୧୯୮୬ ଅନୁସାରେ ରାଜ୍ୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଓ ଜାତୀୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷମତା ବିଷୟ ସଂଶୋଧନ ପ୍ରସ୍ତାବରେ ଉଲ୍ଲେଖ କରାଯିବ ।

**୧୩. ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତି :**

ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ ୧୯୯୧ ଅଧିସୂଚନାରେ କୌଣସି ନିର୍ଦ୍ଦେଶିକା, ମାନଚିତ୍ର ପ୍ରସ୍ତୁତି ପଦ୍ଧତି, ମାନଚିତ୍ରର ମାନ, କାର୍ଯ୍ୟଧାରା, ସମୀକ୍ଷା ପଦ୍ଧତି, ତୃଣମୂଳ ସ୍ତରର ତଥ୍ୟ ସଂଗ୍ରହ ଆଦି ବିଷୟ ଉଲ୍ଲେଖ କରାଯାଇନାହିଁ । ଏହାଦ୍ୱାରା ସ୍ଥାନୀୟ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ରାଜ୍ୟମାନଙ୍କ ଦ୍ୱାରା ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ପାଇଁ ଏହି ଅଧିସୂଚନାରେ ନିୟମାବଳୀ ରହିବା ଦରକାର (ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୭.୦୯.୧୯୯୬ ତାରିଖରେ ପ୍ରଦତ୍ତ ଆଦେଶ ଅନୁସାରେ) । ଏ ପର୍ଯ୍ୟନ୍ତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତ କରି ନଥିବା ରାଜ୍ୟ ବା ଏଥିପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରି ନଥିବା ରାଜ୍ୟ ନିମନ୍ତେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବୈଷୟିକ ଓ ଅର୍ଥନୈତିକ ସହାୟତା ପ୍ରଦାନ କରି ଯୋଜନା ପ୍ରସ୍ତୁତ କରିବେ । ଏଥିପାଇଁ ପ୍ରତିଷ୍ଠିତ ବୈଜ୍ଞାନିକ ସଂସ୍ଥା ଏବଂ ଜାତୀୟ ସହନୀୟ ଉପକୂଳ ମଣ୍ଡଳ ପରିଚାଳନା କେନ୍ଦ୍ରର ସହାୟତା ନିଆଯାଇପାରିବ ।

**୧୪. ଦୋହରା କାର୍ଯ୍ୟ ଅପସାରଣ :**

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ଏବଂ ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ଅଧୀନରେ ଆସୁଥିବା ବନ୍ଦର, ପୋତାଶ୍ରୟ, ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ଦୋହରା ଅନୁମତି ଆଣିବାକୁ ପଡ଼ିଥାଏ । ଏହାକୁ ଯୁକ୍ତିଯୁକ୍ତ କରିବା ପାଇଁ ପରିବେଶ ପ୍ରଭାବ ଆକଳନ ଅଧିସୂଚନା ଅନୁସାରେ ଅନୁମୋଦନ ସାପେକ୍ଷ ପ୍ରକଳ୍ପ ଗୁଡ଼ିକ ରାଜ୍ୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଠାରୁ ସୁପାରିଶ୍ ପତ୍ର ଆଣିବା ପରେ ପରିବେଶ ପ୍ରଭାବ ଆକଳନ ଅଧିସୂଚନା ଅନୁସାରେ ଅନୁମତି ପାଇପାରିବେ । ପରିବେଶ ପ୍ରଭାବ ଅଧିସୂଚନା ଅଧୀନରେ ଅନୁମତି ଆବଶ୍ୟକ କରୁ ନଥିବା ତଥା ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଅନୁସାରେ ମଞ୍ଜୁରି ଆବଶ୍ୟକ କରୁଥିବା ପ୍ରକଳ୍ପ ମାନ କେବଳ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଅନୁସାରେ ଅନୁମୋଦନ ପାଇଁ ଆବେଦନ କରିପାରିବେ ।

**୧୫. ମତ୍ସ୍ୟଜୀବୀଙ୍କ ପାଇଁ ସୁବିଧାସୁଯୋଗ :**

ମତ୍ସ୍ୟଜୀବୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଆଖିରେ ରଖି ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ ର ବିକାଶ ନିଷିଦ୍ଧ ମଣ୍ଡଳରେ ମାଛ ଶୁଖାଇବା ପ୍ରାଙ୍ଗଣ, ବିକ୍ରି କରିବା ଗୃହ, ଜାଲ ମରାମତି ପ୍ରାଙ୍ଗଣ, ପାରମ୍ପରିକ ଡଙ୍ଗା ନିର୍ମାଣ ସ୍ଥାନ, ବରଫ ଘର, ମତ୍ସ୍ୟ ପ୍ରକ୍ରିୟାକରଣ ସ୍ଥାନ ଆଦିର ବ୍ୟବସ୍ଥା ହେବା ଦରକାର ।

**୧୬. ୱେବ୍‌ସାଇଟ୍‌ର ସୃଷ୍ଟି :**

ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା ନିମନ୍ତେ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ୱେବ୍‌ସାଇଟ୍ ସୃଷ୍ଟି କରି ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ, ନିଷ୍ପତ୍ତି, ଅନୁମତି ପ୍ରଦାନ ପତ୍ର, ଆଇନ୍ ଉଲ୍ଲଙ୍ଘନ ଓ ଏ ସଂକ୍ରାନ୍ତୀୟ ପଦକ୍ଷେପ ଗ୍ରହଣ ଆଦି ପ୍ରଦର୍ଶନ କରାଯିବା ଆବଶ୍ୟକ ।

**୧୭. ଉନ୍ନତ ଭାଷା :**

ଅଧିସୂଚନା ୧୯୯୧କୁ ସାଧାରଣ ଲୋକେ ବୁଝି ପାରିବା ଭଳି ଏବଂ ପାଠକଙ୍କୁ ସୁହାଇବା ଭଳି ସରଳ ଭାଷା ବ୍ୟବହାର ପାଇଁ ଉଦ୍ୟମ କରାଯାଇଛି ।